# Notification

No- 142/HGs

Dt.05 .06.2025

It is to inform to all the applicants who have applied for enrollment as Home Guard in Cuttack Rural Police District that all total 8503 applications have been received by this office as per Notification No.69/HGs dated 14.03.2025 and 102/HGs dated 23.04.2025. After scrutiny of the applications, all total 7957 forms are found to be valid and rest 546 forms are found to be invalid for the reasons mentioned below. The total list of invalid forms with names and application numbers are enclosed herewith for information of the applicants.

If any applicant has any objection to the invalid list, he can put forth his grievance for redressal within 05 days of publication of this notice.

5.6.25

Commandant
Home Guards, Cuttack.

Scanned with OKEN Scanner

ସମାଦେଷ୍ଟା ଗୃହରକ୍ଷୀ, କାର୍ଯ୍ୟାଳୟ
କଟକ ଜିଲ୍ଲା

---

ବିଜ୍ଞାପନ ପତ୍ର ସଂଖ୍ୟା ୧୪୩/ଗୃହରକ୍ଷୀ ତା. ୦୪ .୦୬ .୨୦୨୫

## ଗୃହରକ୍ଷୀ ଚୟନ ନିମନ୍ତେ ବିଜ୍ଞାପନ

ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ବିଜ୍ଞାପନ ପତ୍ର ସଂଖ୍ୟା-୬୯ / ଗୃହରକ୍ଷୀ ତା.୧୪.୦୩.୨୦୨୫ ଅନୁଯାୟୀ କଟକ ଜିଲ୍ଲାରେ ଖାଲିଥିବା ୧୧୨ ଗୃହରକ୍ଷୀ ପଦବୀ ପରୀକ୍ଷା ପାଇଁ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡିଶା,କଟକ ଙ୍କ ଚିଠି ସଂଖ୍ୟା-୧୪୨୯/ଗୃହରକ୍ଷୀ ତା.୧୭.୦୪.୨୫ ରିଖ ଅନୁଯାୟୀ ଅଧିକ ୧୦୦ ଗୃହରକ୍ଷୀ ପଦବୀ ବୃଦ୍ଧି କରାଗଲା ଏବଂ ତଦନୁସାରେ ବିଜ୍ଞାପନ ପତ୍ର ସଂଖ୍ୟା-୧୦୨/ ଗୃହରକ୍ଷୀ ତା.୨୩.୦୪ .୨୦୨୫ ଅନୁଯାୟୀ ସମୁଦାୟ ୨୧୨ ଖାଲି ପଦବୀ ପାଇଁ ପୁନଶ୍ଚ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଏତଦ୍ ଦ୍ୱାରା ସମସ୍ତ ଆବେଦନକାରୀଙ୍କୁ ଜଣାଇ ଦିଆଯାଉଅଛି କି, କଟକ ଜିଲ୍ଲାରେ ମୋଟ୍ ୨୧୨ ଗୃହରକ୍ଷୀ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ର ଲିଖିତ ପରୀକ୍ଷା ଆସନ୍ତା ତା.୨୨.୦୬.୨୦୨୫ ରିଖ କଟକ ଜିଲ୍ଲା ର ବିଭିନ୍ନ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବ । ବୈଧ ହୋଇଥିବା ଆବେଦନ ପତ୍ର ଗୁଡିକ ର ଆବେଦନକାରୀ ଙ୍କୁ ପରୀକ୍ଷାକେନ୍ଦ୍ର ରେ ପ୍ରବେଶ କରିବା ପାଇଁ ପ୍ରବେଶ ପତ୍ର (ଆଡିମିଟ କାର୍ଡ) ସମ୍ପୃକ୍ତ ପ୍ରାର୍ଥୀମାନଙ୍କର ନିଜ ନିଜର ଥାନା ମାନଙ୍କରେ ତା ୧୭.୦୬.୨୦୨୫ ରୁ ୨୦ .୦୬.୨୦୨୫ ରିଖ ମଧ୍ୟରେ ଉପଲବ୍ଧ କରାଇ ଦିଆଯିବ । ପ୍ରାର୍ଥୀମାନେ ପ୍ରବେଶ ପତ୍ର (ଆଡିମିଟ କାର୍ଡ) ନେବା ସମୟ ରେ ନିଜର ମୌଳିକ ପ୍ରମାଣପତ୍ର (ଆଧାର କାର୍ଡ, ଆଧାର କାର୍ଡ ନକଲ) ଏବଂ ସ୍ୱସ୍ୱାକ୍ଷରିତ ପାସ ପୋର୍ଟ ସାଇଜ ଫଟୋ ଦାଖଲ କରିବାକୁ ପଡିବ । ଅବୈଧ ହୋଇଥିବା ଆବେଦନ ପତ୍ର ଗୁଡିକ ର ତାଲିକା ନିଜ ନିଜର ଥାନା ରେ ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ, କଟକ, ବକ୍ସି ବଜାର, ରିଜର୍ଭ ଲାଇନ, ୭୫୩୦୦୧ ର ସୂଚନା ଫଳକ ଏବଂ କାନ୍ଥ ରେ ପ୍ରକାଶ କରାଯାଇଛି । ଉକ୍ତ ପରୀକ୍ଷା ନିମନ୍ତେ ପରୀକ୍ଷାକେନ୍ଦ୍ର ଏବଂ ପରୀକ୍ଷା ସମୟ ପ୍ରାର୍ଥୀମାନ ଙ୍କୁ ପ୍ରବେଶ ପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

## ପ୍ରଥମ ପର୍ଯ୍ୟାୟ :- ଲିଖିତ ପରୀକ୍ଷା (୬୦ ମାର୍କ)

ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ନିମନ୍ତେ ଏକ ଲିଖିତ ପରୀକ୍ଷା ଆସନ୍ତା ତା ୨୨.୦୬.୨୦୨୫ ରିଖ ବିଭିନ୍ନ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ବ୍ୟକ୍ତିଗତ କଳା / ନିଳ କଲମ, ପରୀକ୍ଷା ପଟା ଏବଂ ପାଣି ବୋତଲ ସାଥୀରେ ନେଇ ଆସିବେ।

୧. ସାଧାରଣ ଜ୍ଞାନ, ସାଧାରଣ ଗଣିତ ଏବଂ ମାନସିକ ଦକ୍ଷତା :- (୬୦ ଗୋଟି ପ୍ରଶ୍ନ)
(ମୋଟ - ୬୦ X ୦୧ =୬୦ ନମ୍ବର ) (ସମୟ ୬୦ ମିନିଟ୍)
( ଲିଖିତ ପରୀକ୍ଷା ଓଡିଆ ଭାଷାରେ ଅନୁଷ୍ଠିତ ହେବ)

୨. ଓଡିଆ ଭାଷା ପରୀକ୍ଷା :- (କେବଳ ଯୋଗ୍ୟତା ଭିତିକ)

ଓଡିଆ ଭାଷା ରେ ରଚନା (୩ ଟି ବିଷୟରୁ ଯେକୌଣସି ଗୋଟିଏ, ୧୦୦ ଶବ୍ଦ ବିଶିଷ୍ଟ) (ସମୟ ୩୦ ମିନିଟ୍)

ସାଧାରଣ ଜ୍ଞାନ, ସାଧାରଣ ଗଣିତ ଏବଂ ମାନସିକ ଦକ୍ଷତା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ର ଓଡିଆ ଭାଷା ପରୀକ୍ଷା ର ମୂଲ୍ୟାୟନ କରାଯିବ ।

ଓଡିଆ ଭାଷା ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନ ଙ୍କୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉତୀର୍ଣ୍ଣ କରାଯିବ ।

Scanned with OKEN Scanner

## ଦ୍ୱିତୀୟ ପର୍ଯ୍ୟାୟ :- ଶାରିରୀକ ମାପ ଦଣ୍ଡ

ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ନିମ୍ନଲିଖିତ ଶାରିରୀକ ମାପ ଦଣ୍ଡ କରାଯିବ ।

| | ପୁରୁଷ | ମହିଳା |
|---|---|---|
| ଉଚ୍ଚତା | -୧୬୩ ସେ.ମି. | -୧୫୩ ସେ.ମି. |
| ଓଜନ | -୫୦ କେ.ଜି. | -୪୫ କେ.ଜି. |
| ଛାତି (ପ୍ରସାରଣ) | - ୭୬-୮୧ ସେ.ମି. | |

**ତୃତୀୟ ପର୍ଯ୍ୟାୟ :-** ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ର ସରକାରୀ ଡାକ୍ତର ବୋର୍ଡ ଦ୍ୱାରା ଏକ ପ୍ରାରମ୍ଭିକ ପରୀକ୍ଷା କରାଯିବ ଏବଂ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ମାପଦଣ୍ଡ ନିର୍ଦ୍ଧାରଣ କରାଯିବ । ଏହାପରେ ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ, ସେମାନେ ଏକ ଚୁକ୍ତିନାମା ରେ ଦସ୍ତଖତ କରିବେ ।

**ଚତୁର୍ଥ ପର୍ଯ୍ୟାୟ :-** ଏହି ପର୍ଯ୍ୟାୟରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ । ଏହା ସମସ୍ତ ଯୋଗ୍ୟ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ପାଇଁ କରାଯିବ ।

### ଚାଲି (କେବଳ ଯୋଗ୍ୟତା ଭିତ୍ତିକ)

ପୁରୁଷ -୮୦୦ ମିଟର (୧୫ ମିନିଟ୍)
ମହିଳା -୮୦୦ ମିଟର (୧୮ ମିନିଟ୍)

### ଲମ୍ବଡିଆଁ (କେବଳ ଯୋଗ୍ୟତା ଭିତ୍ତିକ)

ପୁରୁଷ ଲମ୍ବଡିଆଁ (୦୭ ଫୁଟ) :- ଦୁଇଟି ସୁଯୋଗ ମଧ୍ୟରେ ଯୋଗ୍ୟ ବିବେଚିତ ।
ମହିଳା ଲମ୍ବଡିଆଁ (୦୫ ଫୁଟ) :- ଦୁଇଟି ସୁଯୋଗ ମଧ୍ୟରେ ଯୋଗ୍ୟ ବିବେଚିତ ।

## ପଞ୍ଚମ ପର୍ଯ୍ୟାୟ :

ଦକ୍ଷତା ଜ୍ଞାନ (୧୦ ମାର୍କ)

୧. ଗାଡି ଚାଳନା ଜ୍ଞାନ
୨. କମ୍ପ୍ୟୁଟର ଜ୍ଞାନ
୩. ପାଣି ପାଇପ୍ କାର୍ଯ୍ୟ
୪. ବାରିକ କାର୍ଯ୍ୟ
୫. ମୋଟର ଯାନ ମିସ୍ତ୍ରୀ

Scanned with OKEN Scanner

# ବ୍ୟକ୍ତିଗତ ସାକ୍ଷତକାର (୩୦ ମାର୍କ)

**ଷଷ୍ଠ ପର୍ଯ୍ୟାୟ :–** ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ପାଇଁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା କରାଯିବ, ଯେଉଁଥିରେ ପୁଲିସ୍ ବିଭାଗ ପାଇଁ ଆବଶ୍ୟକ ଉତ୍ସାହ ଏବଂ ପ୍ରେରଣା ଦେଖାଯିବ । ଏହି ସାକ୍ଷତକାର ପରୀକ୍ଷା ପାଇଁ ସର୍ବାଧିକ ୩୦ ନମ୍ବର ଧାର୍ଯ୍ୟ କରାଯାଇଛି ।

ସର୍ବମୋଟ ନମ୍ବର ତାଲିକା

| | |
|---|---|
| ଲିଖିତ ପରୀକ୍ଷା | -୬୦ ନମ୍ବର |
| କୌଶଳ ଜ୍ଞାନ | -୧୦ ନମ୍ବର |
| ବ୍ୟକ୍ତିଗତ ସାକ୍ଷତକାର | -୩୦ ନମ୍ବର |
| ସମୁଦାୟ | -୧୦୦ ନମ୍ବର |

ପ୍ରକାଶ ଥାଉ କି, ଅଧିକ ୧୦ ନମ୍ବର କେବଳ କାର୍ଯ୍ୟରତ ବେଳେ ମୃତ ଗୃହରକ୍ଷୀ ମାନଙ୍କର ଉତ୍ତରାଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ, ଯାହାକି ସଠିକ ମୃତ ପ୍ରମାଣପତ୍ର ଦେଖାଇବା ପରେ ଦିଆଯିବ ।ଏଥିସହିତ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଯୋଗ୍ୟ ବିବେଚିତ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ପ୍ରାୟତଃ ସେମାନଙ୍କ ସ୍ଥାନୀୟ ଥାନା ମାନଙ୍କରେ ଖାଲି ଥିବା ପଦବୀ କୁ ଦୃଷ୍ଟିରେ ରଖି ନିଯୁକ୍ତି ଦିଆଯିବ କିନ୍ତୁ ଦରକାର ପଡିଲେ ସେମାନଙ୍କୁ ପଡୋଶୀ ଥାନା କିମ୍ବା ଜିଲ୍ଲା ମୁଖ୍ୟାଳୟ ରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଦିଆଯିବ ।

(signature)

ସମାଦେଷ୍ଟା

ଗୃହରକ୍ଷୀ ବାହିନୀ,କଟକ ଜିଲ୍ଲା

Scanned with OKEN Scanner